ODM EDUCATIONAL GROUP

*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :18**

**CLASS :3**

**SUBJECT : ODIA**

**CHAPTER NUMBER: 13**

**CHAPTER NAME : ବେଙ୍ଗୁଲୀ କରୁଛି କେଁ କଟର**

**SUBTOPIC : ଅଭ୍ୟାସ- ୧୦ ,୧୧ ଓ ୧୨**

ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ ଶୈଳୀ ର ଅଭିବୃଦ୍ଧି କରାଇବା ।



# ବେଙ୍ଗୁଲୀ କରୁଛି କେଁ କଟର

ODM
EDUCATIONAL GROUP








ODM EDUCATIONAL GROUP



# ବେଙ୍ଗୁଲି କରୁଛି କେଁ କଟର

ଏକ ଶୀତୁଆସକାଳ । ଚତୁର୍ଦ୍ଦିଗ କୁହୁଡ଼ି ଭର୍ତ୍ତି । ବେଙ୍ଗସର୍ଦ୍ଦାରର ସଙ୍ଗୀତ ଦଳ ଏକାଠି ହୋଇଛନ୍ତି । ସର୍ଦ୍ଦାର ଉଦ୍ଭାବନ କରିଥିବା ନୂଆସୁର ଅଭ୍ୟାସ ହେବ । ନିର୍ଦ୍ଦେଶ ପାଇବାମାତ୍ରେ କଇଁଛର ମର୍ଦ୍ଦଳ, ପାଣିଧଣ୍ଡର ବଂଶୀ, କଙ୍କଡ଼ାର





ହାରମୋନିୟମ୍, ମାଙ୍କଡ଼ର ଢୋଲକି, ଠେକୁଆର ଡୁବିତବଲା ଶବ୍ଦରେ ଆଖଡ଼ାଘର କମ୍ପିଉଠିବ ।

ଶୀତଯୋଗୁଁ ବେଙ୍ଗମାନଙ୍କ କଣ୍ଠରୁଦ୍ଧ ହୋଇଯାଉଥାଏ । ଗୀତ ଅଭ୍ୟାସ ହୋଇପାରିଲା ନାହିଁ । ଥଣ୍ଡାପାଗ ଯୋଗୁଁ ଏ ଦୁର୍ଦ୍ଦଶା ବୋଲି ସର୍ଦ୍ଦାର ଜାଣି ପାରିଲା । ସେ କହିଲା, "ଦେଖ ଭାଇମାନେ, ଶୀତଦିନ ପରେ ଖରାଦିନ ଆସିବ । ପାଗ ଗରମ ରହିବ । ଗୁଲୁଗୁଲି ହେବ । ଝାଳ ବୋହିବ । ସେତେବେଳେ ମଧ୍ୟ ଆମେ ଏକାଠି ହୋଇପାରିବା ନାହିଁ । ତା'ପରେ ବର୍ଷାଦିନରେ କୋହଲାପାଗ ହେବ । ଚାଲ, ଏବେ ଆମେ ନିଶ୍ଚଳ ହୋଇ ମାଟିତଳେ ଶୋଇବା । ମୁଁ ଦକ୍ଷିଣଦିଗକୁ ଯାଉଛି ଶୋଇବି ।" ଏହାପରେ



ଯେ ଯାହାର ଜାଗା ବାଛି ନିଃଶବ୍ଦରେ ଶୋଇଗଲେ । ଖରାଦିନ ଯାଇ ବର୍ଷାଦିନ ଆସିଲା । ଆକାଶରେ କଳାହାଣ୍ଡିଆ ମେଘ ଘୋଟିଥାଏ । ବିଜୁଳି ଚମକୁଥାଏ । ଏହି ସମୟରେ ଘଡ଼ଘଡ଼ି ଶବ୍ଦରେ ପୃଥିବୀ ଥରିଉଠିଲା । ବେଙ୍ଗମାନଙ୍କ ନିଦ ଭାଙ୍ଗିଲା । ସେମାନେ ସର୍ଦ୍ଦାର ପାଖକୁ ଯିବାକୁ ବାହାରିଲେ । କିନ୍ତୁ ନିର୍ଦ୍ଦିଷ୍ଟ ଦିଗ ଜାଣିପାରିଲେ ନାହିଁ । କ'ଣ କରିବେ ଭାବି ବସିଲେ । ସେମାନଙ୍କ ମଧ୍ୟରେ ଥିଲା ବୃଦ୍ଧବେଙ୍ଗଟିଏ । ସେ କହିଲା, "ମୁଁ ବହୁତ ବୁଦ୍ଧିମାନ ।" ସେ ଚାରି ଆଡ଼କୁ ଚାହିଁଲା । ଦେଖିଲା, ଗୋଟିଏ ପଟରୁ ଆକାଶ ଧୀରେଧୀରେ ଫରଚା ହେଉଛି । "ଦେଖ ଏ ପଟେ ସୂର୍ଯ୍ୟ ଉଦୟ ହେଉଛି । ଏହା ନିଶ୍ଚୟ ପୂର୍ବଦିଗ । ଏପଟକୁ ମୁହଁ କରି ଛିଡ଼ା ହେଲେ ତୁମ ପଛପଟ ହେବ ପଶ୍ଚିମଦିଗ । ତୁମର ଡାହାଣହାତ ଦକ୍ଷିଣଦିଗ ହେବ ଓ ବାମହାତ ଉତ୍ତରଦିଗ ହେବ ।" ତା'ପରେ ସେମାନେ ଡାହାଣପଟ ଦିଗକୁ ଗଲେ । ଗୀତ ଅଭ୍ୟାସ କଲେ । ଅଭ୍ୟାସ କରୁକରୁ ଆଷାଢ଼ମାସର ଚତୁର୍ଦ୍ଦଶୀ ତିଥି ପହଞ୍ଚିଗଲା । ସେଦିନ ବାଘମାମୁର ବାହାଘର ।

ସଙ୍ଗୀତଦଳ ସେଠାରେ ପହଞ୍ଚିଲେ । ଗୀତ ଗାଇଲେ । ଖାଣ୍ଟି ଗୁଆଘିଅରେ ମିଠା ଓ କ୍ଷୀରୀ ହୋଇଥିଲା । ମନଭରି ଭୋଜି ଖାଇଲେ ।

ବେଙ୍ଗମାନଙ୍କ ପେଟରେ ଘିଅ କି ହଜମ ହୁଏ ? ପେଟ ଗୋଳମାଳ ହେଲା । ଝାଡ଼ା ହେଲା । ହନୁବଇଦ କେତେ ପ୍ରକାର ଉଦ୍ଭିଦର ଚେର ଆଣି ଔଷଧ ତିଆରି କଲା । ସେମାନେ ଔଷଧ ଖାଇ ଝାଡ଼ାରୁ ଉଦ୍ଧାର ପାଇଲେ ସିନା ସେମାନଙ୍କ ସ୍ୱରଯନ୍ତ୍ରଗୁଡ଼ିକ ଖରାପ ହୋଇଗଲା । ସେମାନେ ଆଉ ପୂର୍ବଭଳି ଗୀତ ଗାଇ ପାରିଲେ ନାହିଁ । ସେହିଦିନଠୁ ସେମାନେ କେଁ କଟର ଶବ୍ଦ କରିଆସୁଛନ୍ତି ।

ODM EDUCATIONAL GROUP

# ଅଭ୍ୟାସ-୧୦ ଉତ୍ତର ଲେଖ

ODM EDUCATIONAL GROUP

କ-ତୁମେ ପଶ୍ଚିମ ଦିଗକୁ ଅନାଇ ଠିଆହେଲେ ତୁମର ଦକ୍ଷିଣହସ୍ତ କେଉଁ ଦିଗକୁ ରହିବ ?

ଖ- ତୁମେ ଦକ୍ଷିଣଦିଗକୁ ଅନାଇ ଠିଆହେଲେ ତୁମ ବାମହାତ କେଉଁ ଦିଗକୁ ରହିବ ?

ଗ- ତୁମେ ଉତ୍ତରଦିଗକୁ ଅନାଇ ଠିଆହେଲେ ତୁମପିଠି କେଉଁ ଦିଗକୁ ରହିବ ?

# ଅଭ୍ୟାସ-୧୦ ଉତ୍ତର ଲେଖ

ODM EDUCATIONAL GROUP

କ-ତୁମେ ପଶ୍ଚିମ ଦିଗକୁ ଅନାଇ ଠିଆହେଲେ ତୁମର ଦକ୍ଷିଣହସ୍ତ କେଉଁ ଦିଗକୁ ରହିବ ?

ଉ- ଆମେ ପଶ୍ଚିମ ଦିଗକୁ ଅନାଇ ଠିଆହେଲେ ଆମର ଦକ୍ଷିଣହସ୍ତ ଉତ୍ତର ଦିଗକୁ ରହିବ |

ଖ- ତୁମେ ଦକ୍ଷିଣଦିଗକୁ ଅନାଇ ଠିଆହେଲେ ତୁମ ବାମହାତ କେଉଁ ଦିଗକୁ ରହିବ ?

ଉ -ଆମେ ଦକ୍ଷିଣଦିଗକୁ ଅନାଇ ଠିଆହେଲେ ଆମ ବାମହାତ ପୂର୍ବ ଦିଗକୁ ରହିବ |

ଗ- ତୁମେ ଉତ୍ତରଦିଗକୁ ଅନାଇ ଠିଆହେଲେ ତୁମପିଠି କେଉଁ ଦିଗକୁ ରହିବ ?

ଉ –ଆମେ ଉତ୍ତରଦିଗକୁ ଅନାଇ ଠିଆହେଲେ ଆମପିଠି ଦକ୍ଷିଣ ଦିଗକୁ ରହିବ |

୧୧। କେଉଁ ଦିନମାନଙ୍କରେ ଏହା ହେଉଥିବ ?

ODM EDUCATIONAL GROUP

(କ) ଚତୁର୍ଦ୍ଦିଗ କାଦୁଅ ପଚ୍‌ପଚ୍ ହୁଏ **ବର୍ଷାଦିନ**

(ଖ) ଛକ ଜାଗାମାନଙ୍କରେ ଜଳଛତ୍ର ଖୋଲାଯାଏ **ଖରାଦିନ**

(ଗ) ସକାଳୁ ସକାଳୁ କୁହୁଡ଼ି ଦେଖାଯାଏ **ଶୀତଦିନ**

(ଘ) କଳାଚଷମା, ଛତା, ଚପଲ, ପାଣିବୋତଲର ବ୍ୟବହାର ବଢ଼େ **ଖରାଦିନ**

(ଙ) ଲୋକେ ଗରମପୋଷାକ ବ୍ୟବହାର କରନ୍ତି **ଶୀତଦିନ**

# ଅଭ୍ୟାସ -୧୨ ଗୋଟିଏ ଶବ୍ଦ ବଦଳାଇ ବାକ୍ୟଟି ଠିକ କରି ଲେଖ

କ-ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହୁଅନ୍ତି ।

ଖ-ଶୀତଦିନେ ବହୁତ ଗୁଳୁଗୁଳି ହୁଏ ।

ଗ-ଖରାଦିନେ ପାଗ କୋହଲା ହୁଏ

ଘ –ବର୍ଷାଦିନେ କୁହୁଡି ହୁଏ ।

# ଅଭ୍ୟାସ -୧୨ ଗୋଟିଏ ଶବ୍ଦ ବଦଳାଇ ବାକ୍ୟଟି ଠିକ କରି ଲେଖ

ODM EDUCATIONAL GROUP

କ-ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହୁଅନ୍ତି ।

ଉ- ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି ।

ଖ-ଶୀତଦିନେ ବହୁତ ଗୁଳୁଗୁଳି ହୁଏ ।

ଉ – ଖରାଦିନେ ବହୁତ ଗୁଳୁଗୁଳି ହୁଏ ।

ଗ-ଖରାଦିନେ ପାଗ କୋହଲା ହୁଏ ।

ଉ – ବର୍ଷାଦିନେ ପାଗ କୋହଲା ହୁଏ

ଘ –ବର୍ଷାଦିନେ କୁହୁଡି ହୁଏ ।

ଉ - ଶୀତଦିନେ କୁହୁଡି ହୁଏ ।

# ଗୃହକର୍ମ

ଅଭ୍ୟାସ ୮ କୁ ବହିରେ କର |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP